# Akashvani, Sambalpur

## SAMBALPURI NEWS EVENING BULLETIN

**6 September 2025- 7.02 pm- 7.12 pm.**

*********************************************

୧- ସମ୍ବଲ୍‌ପୁର୍ ନ ରାଜ୍ୟସ୍ତରୀୟ ନୂଆଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମ୍‌ଥି ଯୋଗ୍ ଦେଇଛନ୍ ମୁଖ୍ୟମନ୍ତ୍ରୀ - ସାମିଲ୍ ହେଲେ ମନ୍ତ୍ରୀ, ବିଧାୟକ୍ ।

୨- ମହାନଦୀ ଜଲ୍ ବିବାଦ୍ ପ୍ରାଧିକରଣ୍ ନ ପକ୍ଷ ରଖ୍‌ଲା ଓଡ଼ିଶା ।

- ଅକ୍ଟୋବର୍ ୧୧ ତାରିଖ୍ ହେବା ଆଏବା ଶୁଣାଣି ।

୩- ପଂଚାୟତିରାଜ୍ ଅନୁଷ୍ଠାନ୍ ମାନ୍‌କେ ବାୟୋମେଟ୍ରିକ୍ ଉପସ୍ଥାନ୍ ବାଧ୍ୟତାମୂଲକ୍ କଲେ ରାଜ୍ୟ ସର୍‌କାର୍ ।

ଆଉର୍

୪- ଚନ୍ଦ୍ରଗ୍ରହଣ୍ ଲାଗି ଆଏବା କାଏଲ୍ ପୁରୀ ଶ୍ରୀମନ୍ଦିର୍ ନ ହେବା ଖାସ୍ ନୀତିକାନ୍ତି ।

ମୁଖ୍ୟମନ୍ତ୍ରୀ ସମ୍ବଲପୁର ଗସ୍ତ ସମ୍ବଲପୁର ସମ୍ବାଦଦାତା

ସମ୍ବଲପୁର ସମ୍‌ଲେଇ ମନ୍ଦିର୍ ପରିସର୍ ନ ରାଜ୍ୟସ୍ତରୀୟ ନୂଆଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମ ଚାଲିଛେ । ରାଜ୍ୟସ୍ତରୀୟ ନୂଆଖାଇ ଭେଟ୍‌ଘାଟ୍ କମିଟି ତର୍ଫୁ ହେଇଥିବା କାର୍ଯ୍ୟକ୍ରମ୍‌ଥି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇଛନ୍ । କାର୍ଯ୍ୟକ୍ରମ୍‌ଥି ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର୍ ମୁକେଶ୍ ମହାଲିଙ୍ଗ, ରାଜସ୍ୱ ମନ୍ତ୍ରୀ ସୁରେଶ୍ ପୂଜାରୀ, ପଂଚାୟତିରାଜ୍ ମନ୍ତ୍ରୀ ରବିନାରାୟଣ୍ ନାଏକ୍, ବିଜେପି ରାଜ୍ୟ ସଭାପତି ମନ୍‌ମୋହନ୍ ସାମଲ୍‌ଙ୍କର୍ ସହେତେ ପଶ୍ଚିମ ଓଡ଼ିଶାର୍ ବିଧାୟକ୍ ମାନେ ଯୋଗ୍ ଦେଇଛନ୍ । ମୁଖ୍ୟମନ୍ତ୍ରୀ ସମ୍ବଲ୍‌ପୁର୍ ପୁହୁଁଚିଲା ଉତ୍‌ରୁ ପହେଲା ଇଷ୍ଟଦେବୀ ମା ସମଲେଇ ଆର୍ ପାଟଣେଶ୍ୱରୀଙ୍କର୍ ଦର୍ଶନ୍ କରିଥିଲେ । ଇ ଅବ୍‌ସରେ ମୁଖ୍ୟମନ୍ତ୍ରୀଙ୍କୁ ପାରମ୍ପରିକ୍ ଲୋକନୃତ୍ୟ ଜରିଏ ସ୍ୱାଗତ୍ କରାଯାଇଥିଲା । ମୁଖ୍ୟମନ୍ତ୍ରୀଙ୍କୁ ଭବ୍ୟ ସାଂସ୍କୃତିକ୍ ଶୋଭାଯାତ୍ରାଥି କାର୍ଯ୍ୟକ୍ରମ୍ ଜାଗାକେ ନିଆଯିବାର୍ ଉତ୍‌ରୁ ସମାରୋହ ମୁଲ୍ ହେଇଥିଲା । କାର୍ଯ୍ୟକ୍ରମ୍‌ଥି ୫ ଟା ବିଦ୍ୟାଲୟର୍ ୨ ଶହ ଝନ୍ ଛାତ୍ରଛାତ୍ରୀ ଲୋକନୃତ୍ୟ ପରିବେଷଣ୍ କରିଛନ୍ ।

ମୁଖ୍ୟମନ୍ତ୍ରୀ- ସାହିତ୍ୟ ସମାରୋହ ଭୁବ୍‌ନେଶ୍ୱର୍

ସମ୍ବାଦଦାତା

ପ୍ରତିକୁଲ୍ ପରିସ୍ଥିତିର ମୁକାବିଲା, ଅବ୍ୟବସ୍ଥାର୍ ବିରୋଧ୍, ସଂସ୍କାର ଆଉ ସାଂସ୍କୃତିକ୍ ଚେତ୍‌ନାର ସମର୍ଥନ କର୍‌ବାର୍‌ଟା ସାହିତ୍ୟିକ୍‌ମାନ୍‌ଙ୍କର ଆଭିମୁଖ୍ୟ ଆଏ ବଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ । ଭୁବନେଶ୍ୱର ନ ଗୁଟେ ଘରୋଇ ସମ୍ବାଦପତ୍ରର୍ ସାହିତ୍ୟ ସମାରୋହଥି ଯୋଗ୍ ଦେଇକରି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍, ଓଡ଼ିଆ ଭାଷାର୍ ସମୃଦ୍ଧି, ସଂରକ୍ଷଣ ଆଉ ବ୍ୟାପକ୍ ପ୍ରଚଲନ୍ ଲାଗି ସରକାର ବହୁତ୍‌ଟେ ଚେରେଷ୍ଟା ଚଲେଇଛନ୍ । ଜାତୀୟ ଶିକ୍ଷାନୀତି ୨୦୨୦ ଅନ୍‌ସାରେ କେନ୍ଦ୍ର ସରକାର ଡାକ୍ତରୀ, ଇଞ୍ଜିନିୟରିଂ ସହେତେ ଭିନ୍ ଭିନ୍ ପାଠ୍‌ପଢ଼ା ବହି ଓଡ଼ିଆ ଭାଷାଥି ବାହାର୍ କର୍‌ବାର୍‌କେ ଯାଉଛନ୍ ବଲି ମୁଖ୍ୟମନ୍ତ୍ରୀ କହିଛନ୍ । ଭାଷା, ସାହିତ୍ୟର୍ ସମୃଦ୍ଧି ଆଉ ବିକାଶ ଲାଗି ଚେରେଷ୍ଟା ଜାରି ରଖ୍‌ବାର୍‌କେ ଇ ଅବ୍‌ସରେ ମୁଖ୍ୟମନ୍ତ୍ରୀ ସାହିତ୍ୟିକ୍‌ମାନଙ୍କୁ ଆହ୍ୱାନ୍ ଦେଇଛନ୍ ।

(ଭଏସ୍ ଓଭର --- ମୁଖ୍ୟମନ୍ତ୍ରୀ)

ମହାନଦୀ ଜଲ୍ ବିବାଦ ଟ୍ରିବ୍ୟୁନାଲ୍ ଭୁବ୍‌ନେଶ୍ୱର୍

ସମ୍ବାଦଦାତା

ମହାନଦୀ ଜଲ୍ ବିବାଦ୍‌ର ୪୫ ନମ୍ବର୍ ଶୁଣାଣି ଆଏଜ୍ ପ୍ରାଧିକରଣ୍ ନ ହେଇଯାଇଛେ । ପ୍ରାଧିକରଣ୍ ନ ଓଡ଼ିଶା ତର୍‌ଫୁ ପକ୍ଷ ରଖିବାର୍ ଉତ୍‌ରୁ ଆଡ୍‌ଭୋକେଟ୍ ଜେନେରାଲ୍ ପିତାମ୍ବର୍ ଆଚାର୍ଯ୍ୟ କହିଛନ୍, ଗଲା ଅଗଷ୍ଟ ମାସୁ ଏବ୍‌ତକ୍ ଓଡ଼ିଶା ଆଉ ଛତିଶ୍‌ଗଡ଼୍ ଭିତ୍‌ରେ ଆପୋଷ୍ ବୁଝାମଣା ଅଗ୍ରଗତି ବାବ୍‌ଦେ ପ୍ରାଧିକରଣ୍‌କେ ତଥ୍ୟ ଉପସ୍ଥାପନ୍ କରାଯାଇଛେ । ଆପୋଷ୍ ସମାଧାନ୍ ଲାଗି ଦୁହି ରାଜ୍ୟର୍ ଚେରେଷ୍ଟାକେ ପ୍ରାଧିକରଣ୍ ପ୍ରଶଂସା କରିଛନ୍ । ଇତାର୍ ସହେତେ ଅକ୍ଟୋବର୍ ୧୧ ତାରିଖିତକ୍ ବୁଝାମଣାର୍ ଅଗ୍ରଗତି ବାବ୍‌ଦେ ଜନାବାର୍‌କେ ନିର୍ଦ୍ଦେଶ୍ ଦେଇଛନ୍ ବଲି ଶ୍ରୀ ଆଚାର୍ଯ୍ୟ କହିଛନ୍ । ଦୁହି ରାଜ୍ୟ ଭିତ୍‌ରେ ହେଇଥିବା କଥାବାର୍ତା  ବାବ୍‌ଦେ ଶ୍ରୀ ଆଚାର୍ଯ୍ୟ କହିଛନ୍, ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ, ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା, କେନ୍ଦ୍ର ଜଲଶକ୍ତିମନ୍ତ୍ରୀ ସି.ଆର୍ ପାଟିଲ୍‌ଙ୍କର୍ ସାଙ୍ଗେ ଇ ବାବ୍‌ଦେ ଆଲୋଚନା କରିଛନ୍ । ଛତିଶ୍‌ଗଡ଼୍ ମୁଖ୍ୟମନ୍ତ୍ରୀଙ୍କର୍ ସାଙ୍ଗେ ଭିଲ୍

୨ ଥର୍ ଆଲୋଚନା କରିଛନ୍ । ମହାନଦୀ ଜଲ୍‌ବିବାଦ୍‌ର ସମାଧାନ୍ ଲାଗି କେନ୍ଦ୍ରସର୍‌କାର୍‌ଙ୍କର୍ ମଧ୍ୟସ୍ଥତାଥି ଆଲୋଚନା ଚାଲିଛେ । ଖୋବ୍ ଜଲ୍‌ଦି ସମାଧାନ୍ ଆଶ୍ କରାଯାଉଛେ ବଲି ଶ୍ରୀ ଆଚାର୍ଯ୍ୟ କହିଛନ୍ ।

ବାୟୋମେଟିକ୍ ଉପସ୍ଥାନ ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ରାଜ୍ୟ ସର୍‌କାର୍ ସବୁ ଗ୍ରାମ୍‌ପଂଚାୟତ୍, ପଂଚାୟତ୍‌ସମିତି ଆଉ ଜିଲ୍ଲା ପରିଷଦ୍ କାର୍ଯ୍ୟାଳୟ ମାନ୍‌କେ ବାୟୋମେଟିଧକ୍ ଉପସ୍ଥାନ୍ ବ୍ୟବସ୍ଥା ବାଧ୍ୟତାମୂଲକ୍ କରିଛନ୍ । ଇ ବାବ୍‌ଦେ ପଂଚାୟତିରାଜ୍ ଆଉ ପାନୀୟ ଜଳ ବିଭାଗ୍ ତର୍‌ଫୁ ସବୁ ଜିଲ୍ଲାପାଳ୍ ମାନ୍‌କୁ ନିର୍ଦ୍ଦେଶ୍ ଦିଆଯାଇଛେ । ଠିକ୍ ସମିଆଥି ଅଧିକାରୀ ଆଉ କର୍ମଚାରୀ ମାନେ କାର୍ଯ୍ୟାଳୟକେ ପୁହୁଁଚିବାର୍ ସହେତେ କାମ୍ କାଜ୍‌କେ ଫଟିକ୍ କର୍‌ବାର୍ ଲାଗି ଇ ବ୍ୟବସ୍ଥା କରାଯାଇଛେ । ଇଟା ସର୍‌କାରୀ ବ୍ୟବସ୍ଥାକେ ଉନ୍ନତ୍ କର୍‌ବାର୍ ସହେତେ ଲୁକ୍‌କୁ ସନ୍ତୁଷ୍ଟି ଦେବା ବଲି ନିର୍ଦ୍ଦେଶ୍‌ନାମାଥି କୁହାଯାଇଛେ ।

ଗୃହ ଆଉ ନଗର ଉନ୍ନୟନ୍ ମନ୍ତ୍ରୀ ଝାର୍‌ସୁଗୁଡ଼ା ସମ୍ବାଦଦାତା

ଗୃହ ଆଉ ନଗର ଉନ୍ନୟନ୍ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ଆଏଜ୍ ଝାର୍‌ସୁଗୁଡ଼ା ସହର୍ ନ ୧୭ କୋଟି ଟଙ୍କାର୍ ୧୦ ଟା ପ୍ରକଳ୍ପର୍ ଶିଲାନ୍ୟାସ୍ କରିଛନ୍ । ଇତାର୍ ଭିତ୍‌ରେ

ଝାର୍ସୁଗୁଡ଼ା ବିଟିଏମ୍ ଛକ୍ ନ ପୌର ପରିଷଦ୍ର ନୂଆଁ କାର୍ଯ୍ୟାଳୟ, ଝାଡ଼େଶ୍ୱର୍ ମନ୍ଦିର୍ର ଉନ୍ନୟନ୍ ପ୍ରକଳ୍ପ, ହଟ୍ଲି ପଡ଼ା ନ ମଲ୍ଟି କମ୍ପ୍ଲେକ୍ସ ପ୍ରକଳ୍ପ ରହିଛେ । ଝାର୍ସୁଗୁଡ଼ା ପୌରାଂଚଲ୍କେ ମହାନଗର୍ କର୍ବାର୍ ପ୍ରସ୍ତାବ୍ ବିଚାରାଧୀନ୍ ରହିଛେ ଆଉ ମାନଦଣ୍ଡ ପୁରା କଲେ ଖୋବ୍ ଜଲ୍ଦି ଇ ଦିଗେ ପଦକ୍ଷେପ୍ ନିଆଯବା ବଲି ମନ୍ତ୍ରୀ ଶ୍ରୀ ମହାପାତ୍ର କହିଛନ୍ ।

ଅଟ୍ଟାଳିକା ଭୁବ୍ନେଶ୍ୱର୍ ସମ୍ବାଦଦାତା

ବାଚସ୍ପତି ସୁରମା ପାଢ଼ୀ ଓଡ଼ିଶା ବିଧାନ୍ସଭାର୍ ୪ ନମ୍ବର୍ ୟୁନିଟ୍ ଠାନେ ଥିବା ପୁର୍ନା ଅତିଥି ଭବନ୍ ସମ୍ପ୍ରସାରଣ୍ କାମ୍ କାମ୍ର ଶିଳାନ୍ୟାସ୍ କରିଛନ୍ । ୩ କୋଟି ୮ ଲାଖ୍ ଟଙ୍କା ଖର୍ଚ୍ଚାଥି ତିଆର୍ ହେବାର୍କେ ଥିବା ୩ ମହଲା କୋଠା ନ ୧୬ ଟା କକ୍ଷ ରହେବା । ଇତାର୍ସହେତେ ବିଧାନ୍ସଭାର୍ ଅତିଥି ଭବନ୍ରେ କକ୍ଷ ସଂଖ୍ୟା ୩୯ କେ ବଢ଼୍ବା ।

ସମଲେଶ୍ୱରୀ ମନ୍ଦିର ନୀତିକାନ୍ତି ପୁରୀ/ ସମ୍ବଲପୁର ସମ୍ବାଦଦାତା

ଚନ୍ଦ୍ରଗ୍ରହଣ୍ ଲାଗି ଆଏବା କାଏଲ୍ ପୁରୀ ଶ୍ରୀମନ୍ଦିର୍ ନ ଖାସ୍ ନୀତିକାନ୍ତି କରାଯିବା । ଖାସ୍ ନୀତି ନିର୍ଘଂଟ ଅନ୍‌ସାରେ ଆଏଜ୍ ଅଧାରାତି ୨ ବଜେନୁ ଦୁଆର ଫିଟାଯିବାର୍ ସହେତେ ୨ ବାଜିକରି ୪୦ ମିନିଟ୍ ଭିତ୍‌ରେ ମଙ୍ଗଳ ଆଲ୍‌ତୀ ହେବା । ତାର୍ ଉତ୍‌ରୁ ସବୁଦିନିଆ ନୀତିକାନ୍ତି କରାଯିବା । ଦିନର୍ ସାଢ଼େ ୧୨ ବଜେତକ୍ ସବୁ ନୀତିକାନ୍ତି ସର୍‌ବାର୍ ଉତ୍‌ରୁ ଭକ୍ତମାନେ ଭିତର କାଠ ଦର୍ଶନ୍ କର୍‌ବେ । ରାତିର୍ ୯ ବାଜିକରି ୫୭ ମିନିଟ୍ ୨୨ ସେକେଣ୍ଡ୍ ବେଲ୍‌କେ ଗ୍ରହଣ ଛିଇଁଲେ ଦେବନୀତି ମୁଲ୍ କରାଯିବା ।

ସେନ୍ତା ସମ୍ବଲ୍‌ପୁର୍ ମାଁ ସମଲେଶ୍ୱରୀଙ୍କର ନୀତିକାନ୍ତିଥି ଭିଲ୍ ସାମାଏନ୍ ପରିବର୍ତନ କରାଯାଇଛେ । ସଖାଲର୍ ମଙ୍ଗଲ ଆଲ୍‌ତି ଆଉ ବାକି ନୀତିକାନ୍ତି ଉତ୍‌ରୁ ଦିନର୍ ୧୧ ବାଜିକରି ୪୫ ମିନିଟ୍ ତକ୍ ଦର୍ଶନ୍ ଚାଲ୍‌ବା । ତାର୍ ଉତ୍‌ରୁ ସର୍ବସାଧାରଣ ଦର୍ଶନ ବନ୍ଦ ରହେବାଫ

ଖାଦ୍ୟଯୋଗାଣ ମନ୍ତ୍ରୀ-ସାର୍ ଆର୍‌ଏନ୍‌ୟୁ/ କଟକ୍

ରାଏଜେ ଚାଷୀମାନ୍‌କର୍ ଲାଗି ଭର୍‌ପୁର୍ ମାତ୍ରାଥି ସାର୍ ମହଜୁଦ୍ ରହିଛେ ବଲି ଖାଦ୍ୟଯୋଗାଣ ଆଉ ଖାଉଟି କଲ୍ୟାଣ୍ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ । ସେ କହିଛନ୍, ଚାଷୀମାନେ

କେନ୍‌ସି ଗୁଜବ୍‌କେ ବିଶ୍ୱାସ୍ ନାଇଁ କରିକରି ବଜାର୍ ନ ଦର୍‌କାର୍ ହିସାବେ ସାର୍ ନେଇପାର୍‌ବେ । କଳାବଜାର୍ କାର୍‌ବାର୍ ଆଏତ୍ କର୍‌ବାର୍ ଲାଗି ସର୍‌କାର୍ କଠୋର୍ ପଦକ୍ଷେପ୍ ନଉଛନ୍ ବଲି ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ ।

ମଡ଼ିଆ ଦିବସ ପ୍ରସ୍ତୁତି- ଉପମୁଖ୍ୟମନ୍ତ୍ରୀ I&PR

ନଭେମ୍ବର୍ ୧୦ ତାରିଖ୍ ମଡ଼ିଆ ଦିବସ୍ ପାଲନ୍ ଲାଗି ଉପମୁଖ୍ୟମନ୍ତ୍ରୀ ଆଉ କୃଷି ମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓଙ୍କର୍ ଅଧ୍ୟକ୍ଷତାଥି ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ଠାନେ ଗୁଟେ ପ୍ରସ୍ତୁତି ବୈଠକ୍ ହେଇଯାଇଛେ । ଇ ଅବ୍‌ସରେ ନଭେମ୍ବର ୧୦ ଆଉ ୧୧ ଦୁଇ ଦିନ୍‌ତକ୍ ଅନ୍ତର୍ଜାତୀୟ ପୁଷ୍ଟିଶସ୍ୟ ସମ୍ମିଲନୀର୍ ଆୟୋଜନ୍ କରାଯିବା । ମଡ଼ିଆ ଦିବସ୍‌ର ଇ ବଛ୍‌ରର୍ ବିଷୟବସ୍ତୁ 'କୃଷି ଜୈବ ବିବିଧତା ଓ ଐତିହ୍ୟରେ ମହିଳା କୃଷକଙ୍କ ଅବଦାନ୍' ରଖାଯାଇଛେ । କାର୍ଯ୍ୟକ୍ରମ୍‌ଥି ୪ ଶହ ନୁ ଅଏତ୍‌କା ମଡ଼ିଆ ଚାଷୀଙ୍କର୍ ସହେତେ ଦେଶ୍ ବିଦେଶ୍‌ର ବହୁତ୍‌ଟେ ଗବେଷକ ଆଉ ବୈଜ୍ଞାନିକ୍ ଯୋଗ୍ ଦେବେ ବଲି ବୈଠକ୍‌ନୁ ଜନାପଡ଼ିଛେ । ସୂଚ୍‌ନା ଅନ୍‌ସାରେ ଦେଶେ - ଓଡ଼ିଶା ଏଖେଇ ଗୁଟେ ରାଜ୍ୟ ଭାବେ ମଡ଼ିଆ ଦିବସ୍ ପାଲନ୍ କରିଆସୁଛେ ।

ରାସ୍ତା ମରାମତି -ପୂର୍ତମନ୍ତ୍ରୀ ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ଦଶ୍‌ରାକେ ନଜର୍‌ଥି ରଖିକରି ସେପ୍ଟେମ୍ବର୍ ୨୦ ତାରିଖ୍ ଭିତ୍‌ରେ ରାଜ୍ୟର୍ ସହର୍ ମାନ୍‌କର୍ ରାସ୍ତା ମରାମତି କାମ୍ ସାର୍‌ବାର୍ ଲାଗି ପୂର୍ତ ମନ୍ତ୍ରୀ ପୃଥ୍ୱୀରାଜ୍ ହରିଚନ୍ଦନ୍ ବିଭାଗୀୟ ଅଧିକାରୀମାନ୍‌କୁ ନିର୍ଦ୍ଦେଶ୍ ଦେଇଛନ୍ । ଭୁବ୍‌ନେଶ୍ୱର୍ ଠାନେ ଆଏଜ୍ ମନ୍ତ୍ରୀ ଶ୍ରୀ ହରିଚନ୍ଦନ୍‌ଙ୍କର୍ ଅଧ୍ୟକ୍ଷତାଥି ଇ ବାବଦ୍ ଗୁଟେ ବୈଠକ୍ ହେଇଯାଇଛେ । ବୈଠକ୍‌ଥି ପୂର୍ତ ମନ୍ତ୍ରୀ ଭୁବ୍‌ନେଶ୍ୱର୍, କଟକ୍, ସମ୍ବଲ୍‌ପୁର୍, ବ୍ରହ୍ମପୁର୍, ରାଉର୍‌କେଲା ସହେତେ ରାଜ୍ୟର୍ ଭିନ୍ ଭିନ୍ ସହର୍ ଆଉ ଜିଲ୍ଲାର୍ ରାସ୍ତାଘାଟ୍ ମାନ୍‌କର୍ ଥିତି ସମୀକ୍ଷା କରିଛନ୍ । ରାସ୍ତା ମରାମତି ଲାଗି ଆଏବା ୨ ଦିନ୍ ଭିତ୍‌ରେ ଗୁଟେ ଖାସ୍ ନୀତି ତିଆର୍ କର୍‌ବାର୍ ସହେତେ ଇଞ୍ଜିନିୟର୍ ମାନେ ରାସ୍ତାମାନ୍‌କର୍ ସିଧାସଲଖ୍ ଥିତି ଅନୁଧ୍ୟାନ୍ କରିକରି ରିପୋର୍ଟ ଦେବେ ବଲି ମନ୍ତ୍ରୀ ନିର୍ଦ୍ଦେଶ୍ ଦେଇଛନ୍ ।

ସିପିଏସ୍‌ଇ ପରୀକ୍ଷା ଆର୍‌ଏନ୍‌ୟୁ/ ସମ୍ବଲପୁର/ଏକ୍ସ

ଅକ୍ଟୋବର୍ ୪ ତାରିଖ୍ ହେବାର୍‌କେ ଥିବା ଯୁଗ୍ମ ପୁଲିସ୍ ସେବା ପରୀକ୍ଷା ସିପିଏସ୍‌ଇ-୨୦୨୪ ର ୩ ନମ୍ବର୍ ପେପର୍ ୬ ତାରିଖ୍‌କେ ଘୁଁଚେଇ ଦିଆଯାଇଛେ । ଇ ଦିନ ୩ ନମ୍ବର୍ ପେପର୍ ଫିଜିକ୍ସ ଆଉ କେମେଷ୍ଟ୍ରି ପରୀକ୍ଷା ହେବା । ୪ ତାରିଖ୍ ଦିନ ଦୁର୍ଗାପୂଜା ଭସାଣୀ ଥିବାର୍‌ନୁ ପରୀକ୍ଷା ଘୁଁଚାଯାଇଛେ ବଲି ଓପିଆର୍‌ବି ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ଜିଏସ୍‌ଟି ସଂସ୍କାର୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ଜିଏସ୍‌ଟି ସଂସ୍କାର୍ ଜରିଏ ଶିଳ୍ପକ୍ଷେତ୍ରମାନ୍‌କର୍ ଅଭିବୃଦ୍ଧି ହେବା ବଲି ଆଶ୍ କରାଯାଉଛେ । ଚମ୍‌ଡ଼ା, ଜୁତା, କାଗଜ୍, ବୟନଶିଳ୍ପ, ହସ୍ତଶିଳ୍ପ, ଖେଲ୍‌ନା, ଲଜିଷ୍ଟିକ୍ ବାଗିର୍ ଦର୍‌କାରୀ ଶିଳ୍ପକେ ଇ ସଂସ୍କାର୍ ବ୍ୟବସ୍ଥାଥି ସାମିଲ୍ କରାଯାଇଛେ । ଇ ବାବ୍‌ଦେ ବର୍‌ଗଡ଼୍‌ର ମନୋରମା ସାହୁ କହିଛନ୍...
(ଭଏସ୍ ଓଭର୍- ମନୋରମା ସାହୁ)

ଛତର୍ ଯାତ୍ରା କଲାହାଣ୍ଡି ସମ୍ବାଦଦାତା

କଲାହାଣ୍ଡି ର୍ ଇଷ୍ଟଦେବୀ ମା ମାଣିକେଶ୍ୱରୀଙ୍କର୍ ଛତର୍ ଯାତ୍ରା ଲାଗି ଆଏଜ୍ ଗୁଟେ ପ୍ରସ୍ତୁତି ବୈଠକ୍ ହେଇଯାଇଛେ । ଜିଲ୍ଲାପାଲ୍ ପାଓ୍ୱାର୍ ସଚିନ୍ ପ୍ରକାଶ୍ଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ବୈଠକ୍‌ର ସୂଚ୍‌ନା ଅନ୍‌ସାରେ ଅକ୍ଟୋବର୍ ୩୦ ତାରିଖ୍ ଦିନ ମାଣିକେଶ୍ୱରୀଙ୍କର୍ ପବିତ୍ର ଛତର୍ ଯାତ୍ରା ଜେନାଖାଲ୍ ନ ପୂଜା ସାରିକରି ମନ୍ଦିର୍ ଆଡ଼େ ଯିବା । ଯାତ୍ରା ପହପହର୍ ୪ ବଜେନୁ ବାହାରିକରି ଦିନର୍ ୧୧ ବଜେ ମନ୍ଦିର୍‌କେ ପୁହୁଁଚିବା । ବୈଠକ୍‌ଥି ରାଜବାଟି ତର୍‌ଫୁ ରାଜା ଅନନ୍ତ ପ୍ରତାପ୍ ଦେଓ ଉପସ୍ଥିତ୍ ଥିଲେ ।

ବୀମା ସଚେତନତା କାର୍ଯ୍ୟକ୍ରମ        ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲା ସର୍‌ସରା ପଂଚାୟତ୍ କାର୍ଯ୍ୟାଳୟ ନ ଜନସୁରକ୍ଷା ଯୋଜ୍‌ନାଥି ବୀମା ସଚେତନତା କାର୍ଯ୍ୟକ୍ରମ୍ ହେଇଯାଇଛେ । କାର୍ଯ୍ୟକ୍ରମ୍‌ଥି ମୁଖ୍ୟଅତିଥି ଭାବେ ଭାରତୀୟ ରିଜର୍ଭ ବେଙ୍କ୍‌ର ଆଂଚଳିକ ନିର୍ଦ୍ଦେଶକ ଡକ୍ଟର୍ ଶାରଦା ପ୍ରସନ୍ନ ମହାନ୍ତି ଯୋଗ୍ ଦେଇକରି ଲୁକେ ପ୍ରଧାନ୍‌ମନ୍ତ୍ରୀ ସୁରକ୍ଷା ବୀମା ଯୋଜ୍‌ନା, ପ୍ରଧାନ୍‌ମନ୍ତ୍ରୀ ଜୀବନ୍‌ଜ୍ୟୋତି  ବୀମା ଯୋଜ୍‌ନା, ଅଟଲ୍ ପେନ୍‌ସନ୍ ଯୋଜ୍‌ନା ବାଗିର୍ ସର୍‌କାରୀ ଯୋଜ୍‌ନାର୍ ଲାଭ୍ କେନ୍ତା ପାଇପାର୍‌ବେ ସେ ବାବ୍‌ଦେ ବୁଝେଇଥିଲେ ।

ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ          କଳାହାଣ୍ଡି ସମ୍ବାଦଦାତା

କଳାହାଣ୍ଡି ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଆଏଜ୍ ଜିଲ୍ଲାର୍ କର୍ଲାମୁଣ୍ଡା ବ୍ଲକ୍ ନ ୟୁରିଆ ସାର୍ ବଂଟାର ସମୀକ୍ଷା କରିଛନ୍ । ଅଧିକାରୀମାନ୍‌କର୍ ସିଧାସଲଖ୍ ଦେଖ୍‌ରେଖ୍‌ଥି ସାର୍ ବଂଟା କାମ୍ ସୁରୁଖୁରୁଥି ଚାଲିଥିବା ସମୀକ୍ଷା ଉତ୍‌ରୁ କୃଷି ଅଧିକାରୀ କହିଛନ୍ ।

ସୈରେନ୍ଦ୍ରୀ ନାଏକ ଫୁଟ୍‌ବଲ୍ ପ୍ରତିଯୋଗିତା/ଆର୍‌ଏନ୍‌ୟୁ ସମ୍ବଲପୁର

ସମ୍ବଲ୍‌ପୁର୍ କାଇଁଶିର୍ ଖେଲ୍‌ପଡ଼ିଆ ସୈରେନ୍ଦ୍ରୀ ନାଏକ ସ୍ମାରକୀ ଆନ୍ତଃବିଦ୍ୟାଳୟ ଫୁଟ୍‌ବଲ୍ ପ୍ରତିଯୋଗିତା ହେଇଯାଇଛେ । ସମ୍ବଲ୍‌ପୁର୍ ଜିଲ୍ଲା ବର୍ଷିଆନ୍ କ୍ରୀଡ଼ା ସଂଘ ତର୍‌ଫୁ ହେଇଥିବା ପ୍ରତିଯୋଗିତାଥି
୧୬ ଟା ଦଲ୍ ଭାଗ୍ ନେଇଛନ୍ । ପହେଲା ମେଚ୍‌ଥି ତାଲବ୍ ଉଚ୍ଚବିଦ୍ୟାଳୟ ଦଲ୍‌କେ ଟାଇବ୍ରେକର୍ ୩/୧ ଗୋଲ୍‌ଥି କାଇଁଶିର୍ ଉଚ୍ଚବିଦ୍ୟାଳୟ ଦଲ୍ ହରେଇଛେ । ସେନ୍ତା ଦୁଇ ନମ୍ବର୍ ମେଚ୍‌ଥି ଲପଙ୍ଗା ଉଚ୍ଚବିଦ୍ୟାଳୟକେ ମୁଢ଼େନ୍‌ପାଲି

ଆଇ.ଜି.ଏ. ଉଚ୍ଚବିଦ୍ୟାଳୟ ୧-ଶୂନ୍ ଗୋଲ୍ ଥି ହରେଇଛେ ।

ପାଣିପାଗ/ହୀରାକୁଦ୍ ଆର୍ଏନ୍ୟୁ/ ସମ୍ବଲପୁର

ଲଘୁଚାପ୍ ପ୍ରଭାବ୍ଥି ରାଏଜେ ବର୍ଷା ଲାଗି ରହିଛେ । ଆଏବା ୨୪ ଘଂଟା ଭିତ୍ରେ ରାଜ୍ୟର୍ ବଡ଼ଭାଗୀ ଜିଲ୍ଲା ନ ବିଜ୍ଲି, ଘଡ଼୍ଘଡ଼ି ସଙ୍ଗେ ଜବର୍ ବର୍ଷା ହେଇପାରେ । ନୂଆପଡ଼ା, କଲାହାଣ୍ଡି ସହେତେ ୭ ଟା ଜିଲ୍ଲା ନ ଘଡ଼୍ଘଡ଼ି ସହେତେ ଅତି ଜବର୍ ବର୍ଷା ହେଇପାରେ ବଲି ଭୁବ୍ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍ଫୁ ସତର୍କ ସୂଚ୍ନା ଜାରି କରାଯାଇଛେ ।

ସେଆଡ଼େ ହୀରାକୁଦ୍ ଜଲ୍ଭଣ୍ଡାର୍ ନ ଜଲ୍ସ୍ତର୍ କମ୍ବାର୍ନୁ ଆଏଜ୍ ୮ ଟା ଗେଟ୍ ବନ୍ଦ୍ କରାଯାଇଛେ । ଏଛେନ୍ ୧୬ ଟା ଗେଟ୍ ଦେଇକରି ପାଏନ୍ ଛଡ଼ାଯାଉଛେ । ଆଏଜ୍ ସଞ୍ଜର୍ ୬ ବଜେତକ୍ ଜଲ୍ଭଣ୍ଡାର୍ର ଜଲ୍ସ୍ତର୍ ୬ ଶହ ୨୬ ଦଶ୍ମିକ୍ ୩/୭ ଫୁଟ୍ ରହିଛେ ।